**Form No. VIII**
**(See rule ,31(a),33 (1), 51(6)|**
**PUBLIC NOTICE (Objection)**

Memo No. 305/Ex. Date. 30.01.2023

Whereas, the State Government intend to grant Exclusive privilege of IMFL ON Shop / Hotel/ Restaurant without lodging at the locality and within the local area mentioned below against each for the period of the grant till To 31St March, 2023 . Objections, If any, by any person residing within the said local area, are invited by 14.02.2023. The objections shall be addressed to the undersigned and shall reach him on or before the aforesaid date. Any objection received after the said date will not be taken into consideration.

Collector 30/1/23

| Kind of Exclusive Privilege | SI. | Locality at which the privilege is to be exercised | E.P. Area |
|---|---|---|---|
| **IMFL ON Shop** | 1 | **Plot No. / Ward No.- 357/532/726Khata No.-117/247, Road Name - N/A, Mouza - N/A, Site Address - M/S PADMINI RED PLAZA, P.S. - NANDIPADA,Excise District - KEONJHAR, Pin - 758083** | **Whinin the Shop premises area.** |

Collector 30/1/23

Memo No. 306 /Ex. Dated. 30.01.2023

Copy forwarded to all concerned Officer-In-Charge Excise Station and Range Inspectors of Excise in this District with instructions to affix conspicuously one copy of the Notice in the locality in which the IMFL ON Shop is proposed to be opened. This apart, contents of the Public Notice should also be proclaimed by beat of drum or by such order manner as may he found convenient. In one copy of the Notice signature of the local residents should also be obtained and sent to this office at an early date in proof of wide publicity of the Notice. All other possible measures should also be taken for wide publicity of the Notice in the specified locality and local area. Two Xerox copies of the served copy of the Notice should also be submitted along with the original served copy for necessary action at this end.

Copy to all concerned Chairpersons, Panchayat Samities, N.A.C, municipality and municipal corporation (Through local Excise Officer) For information And necessary action. Copy To concerned Sarapanch(s) (Through local Excise officer) in the District for information and necessary action.

Copy along with the list of IMFL ON Shop shops proposed to be opened in the District forwarded To all the Sub-Collectors In the District/ Deputy Commissioner Of Excise/ Supdts. Of Police for information and necessary action.

Copy to the D.I.P.R.O., for information and necessary action.

Copy to Notice Board, District Excise Office/ Collectorate.

Copy to district website through NIC

Collector 30/1/23

**ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, କେନ୍ଦୁଝର**

**ସଂଖ୍ୟା** ୨୦୩ **/ ଅ.ତା.** ୨୦.୦୧.୨୦୨୩

**ଫରମା ସଂଖ୍ୟା. ୮**

**(ରୁଲ, ୩୧(କ), ୩୩(୧), ୫୧(୫) ଅନୁଯାୟୀ)**

**ଜନସାଧାରଣଙ୍କଠାରୁ ଅଭିଯୋଗ ପତ୍ର ପ୍ରାପ୍ତି ନିମନ୍ତେ ବିଜ୍ଞପ୍ତି**

ଯେହେତୁ, ଓଡିଶା ସରକାର ନିମ୍ନଲିଖିତ ସ୍ଥାନ ଓ ସ୍ଥାନୀୟ କ୍ଷେତ୍ର ଅଞ୍ଚଳରେ ଭାରତ ତିଆରି ଠିପି ଖୋଲା ବିଦେଶୀ ମଦ ଦୋକାନ ୨୦୨୨-୨୩ ଆର୍ଥିକ ବର୍ଷର ଅବଶିଷ୍ଟ ସମୟ ପାଇଁ ମଞ୍ଜୁରୀ କରିବା ନିମନ୍ତେ ପ୍ରସ୍ତାବ ରଖିଅଛନ୍ତି। ଯଦି, ଏହି ପ୍ରସ୍ତାବ ଉପରେ ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା କୌଣସି ଜନସାଧାରଣଙ୍କର କୌଣସି ଅଭିଯୋଗ ଥାଏ, ତାହେଲେ, ତା। ୧୪/୦୨/୨୦୨୩ ରିଖ ସୁଦ୍ଧା ପ୍ରେରଣ କରିବା ନିମନ୍ତେ ଆମନ୍ତ୍ରଣ କରାଗଲା। ଏହି ଅଭିଯୋଗ ପତ୍ର ନିମ୍ନ ସ୍ୱାକ୍ଷରକାରୀଙ୍କ ଠିକଣାରେ ପ୍ରେରଣ କରିବେ ଓ ତାହା ଉପରଲିଖିତ ସମୟସୀମା ମଧ୍ୟରେ କିମ୍ବା ତା ପୂର୍ବରୁ ପହଞ୍ଚିବା ଆବଶ୍ୟକ ଅଟେ। ଉକ୍ତ ସମୟସୀମା ପରେ କୌଣସି ଅଭିଯୋଗ ପତ୍ର ପ୍ରାପ୍ତ ହେଲେ, ତାହା ବିଚାରକୁ ନିଆଯିବ ନାହିଁ ।

ସ୍ୱା/- 30/1/23
ଜିଲ୍ଲାପାଳ, କେନ୍ଦୁଝର

| ଖାସ ଦଖଲର ପ୍ରକାର | ଦୋକାନ ଖୋଲିବା ପାଇଁ ପ୍ରସ୍ତାବର ସ୍ଥାନ | ଖାସ ଦଖଲ ଅଥଳର ବିବରଣୀ |
|---|---|---|
| ଭାରତ ତିଆରି ଠିପି ଖୋଲା ବିଦେଶୀ ମଦଦୋକାନ | ସା- ଛେନାପଦୀ (ମେସର୍ସ ପଦ୍ମିନୀ ରେଡ ପ୍ଲାଜା), ବ୍ଲକ- ହାଟଡିହୀ, ଥାନା- ନନ୍ଦିପଦା, ଉପଖଣ୍ଡ- ଆନନ୍ଦପୁର, ମୌଜା- ଛେନାପଦୀ, ଖାତା ନମ୍ବର- ୧୧୭/୨୪୭, ପ୍ଲଟ ନମ୍ବର- ୩୫୭/୫୩୨/୭୨୬, ଜିଲ୍ଲା- କେନ୍ଦୁଝର, ପିନ- ୭୫୮୦୮୩ | ଦୋକାନର ନିଜସ୍ୱ ଅବସ୍ଥିତି । |

ସ୍ୱା/- 30/1/23
ଜିଲ୍ଲାପାଳ, କେନ୍ଦୁଝର

ପରିପତ୍ର ସଂଖ୍ୟା। ୨୦୪ // ଅ. ତା. ୩୦.୦୧.୨୦୨୩

ଏହାର ଏକକିତା ନକଲ ଭାରପ୍ରାପ୍ତ ଅଧିକାରୀ, ହାଟଡିହୀ ଅବକାରୀ ଥାନା / ଅବକାରୀ ନିରୀକ୍ଷକ, ଆନନ୍ଦପୁର ରେଞ୍ଜ, କେନ୍ଦୁଝରଙ୍କ ନିକଟକୁ ପ୍ରେରଣ କରି ନିର୍ଦ୍ଦେଶ ଦିଆଯାଉଅଛି ଯେ ଏହାର ନକଲ ଦୋକାନ ଖୋଲାଯିବା ନିମନ୍ତେ ପ୍ରସ୍ତାବିତ ଥିବା ସମ୍ପୃକ୍ତ ଅଞ୍ଚଳରେ ସହଜ ଦୃଶ୍ୟମାନ ସ୍ଥାନରେ ଲଗାଇବେ । ଏହା ବ୍ୟତୀତ ଏହି ବିଜ୍ଞପ୍ତିକୁ ଢ଼ମ ବାଦଣ କିମ୍ବା ଅନ୍ୟ ଯେ କୌଣସି ସୁବିଧା ଉପାୟରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜାରି କରିବେ । ଏହାର ଗୋଟିଏ ନକଲରେ ସ୍ଥାନୀୟ ଜନସାଧାରଣଙ୍କର ଦସ୍ତଖତ ଆଣି ଅତ୍ର କାର୍ଯ୍ୟାଳୟକୁ ଯଥାଶୀଘ୍ର ବିଜ୍ଞପ୍ତିର ପ୍ରଚାର ହୋଇଥିବା ପ୍ରମାଣ ସ୍ୱରୂପ ପ୍ରେରଣ କରିବେ । ଏହା ବ୍ୟତୀତ, ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପ୍ରଚାର ନିମନ୍ତେ ଯଥା ସମ୍ଭବ ପଦକ୍ଷେପ ଗ୍ରହଣ କରିବେ। ଜାରି ହୋଇଥିବା ମୂଳ ବିଜ୍ଞପ୍ତି ସହିତ ଏହାର ଦୁଇକିତା ଜେରକ୍ସ ନକଲ ଅତ୍ର କାର୍ଯ୍ୟାଳୟକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିବେ ।

ଏହାର ଏକକିତା ନକଲ ଜିଲ୍ଲାର ସମ୍ପୃକ୍ତ ଚେୟାରପର୍ସନ, ପଞ୍ଚାୟତ ସମିତି, ସରପଞ୍ଚ (ସ୍ଥାନୀୟ ଅବକାରୀ ଭରପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ) ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ଆନନ୍ଦପୁର, କେନ୍ଦୁଝର/ ଅତିରିକ୍ତ ଶାସନ ସଚିବ, ଅବକାରୀ ବିଭାଗ, ଓଡିଶା, ଭୁବନେଶ୍ୱର / ଅବକାରୀ କମିଶନର, ଓଡିଶା, କଟକ/ ଅବକାରୀ ଉପକମିଶନର (ଉତ୍ତରାଞ୍ଚଳ), ଓଡିଶା, ସମ୍ବଲପୁର / ଆରକ୍ଷୀ ଅଧିକ୍ଷକ, କେନ୍ଦୁଝରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କେନ୍ଦୁଝରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଏହାର ନକଲ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, କେନ୍ଦୁଝର/ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରର ସୂଚନା ଫଳକରେ ପ୍ରଦର୍ଶନ ନିମନ୍ତେ ପ୍ରେରଣ କରାଗଲା।

ସ୍ୱା/- 30/1/23
ଜିଲ୍ଲାପାଳ, କେନ୍ଦୁଝର